## ସଂକ୍ଷେପରେ

### ପୋଲିଓ ବୁନ୍ଦା ଖାଇଲେ ୮୮% ଶିଶୁ



**ଢେଙ୍କାନାଳ ଅଫିସ, ୩୧।୧:** ଢେଙ୍କାନାଳ ଜିଲାରେ ରବିବାରଠାରୁ ଆରମ୍ଭ ହୋଇଛି ପଲ୍ସ ପୋଲିଓ ବୁନ୍ଦା ଅଭିଯାନ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହାର ଶୁଭାରମ୍ଭ କରିଥିଲେ। ୩ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲାର ୧,୧୬,୪୯୬ ଶିଶୁଙ୍କୁ ପ୍ରତିଷେଧକ ଦିଆଯିବା ଲକ୍ଷ୍ୟ ରହିଛି। ପ୍ରଥମ ଦିବସରେ ୮୮% ଶିଶୁଙ୍କୁ ବୁନ୍ଦା ଦିଆଯାଇଛି। ବାଦ୍ ପଡ଼ିଥିବା ଶିଶୁଙ୍କୁ ଦୁଇଦିନ ମଧ୍ୟରେ ଚିହ୍ନଟ କରି ପୋଲିଓ ବୁନ୍ଦା ଦିଆଯିବ। ଏଥିଲାଗି ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣିଙ୍କ ସମେତ ସ୍ୱେଚ୍ଛାସେବୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### ଭଜନ ସିଡୀ ଉନ୍ମୋଚିତ

**ଢେଙ୍କାନାଳ ଅଫିସ, ୩୧।୧:** ସମୟ ଚକ୍ରରେ ବୟସ ବଢ଼ିଯାଉଛି। ପୁଣି ନିଃଶ୍ୱାସକୁ ବିଶ୍ୱାସ ନାହିଁ। ଏମିତି ଏହି ଜୀବନରେ କେବଳ ବିଶ୍ୱାସର ସିଂହାସନରେ ମହାପ୍ରଭୁ ଜଗନ୍ନାଥଙ୍କୁ ବସାଇଦେଇ ଆଧାତ୍ମିକ ଆନନ୍ଦ ଲାଭ କରାଯାଇପାରିବ। ଏଭଳି କିଛି ଅଭିବ୍ୟକ୍ତିକୁ ନେଇ ପ୍ରସ୍ତୁତ ହୋଇଛି ଭଜନ ସିଡୀ 'ବିଶ୍ୱାସରେ ଜଗନ୍ନାଥ'। ରବିବାର ଢେଙ୍କାନାଳ ସହରରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏହାକୁ ସମର୍ପଣ କରାଯିବା ସହ ଲୋକାର୍ପିତ କରାଯାଇଛି। ତିଳୋତ୍ତମା ରାଉତଙ୍କ ଦ୍ୱାରା ପ୍ରଯୋଜିତ ଏହି ସିଡୀର ସମସ୍ତ ଗୀତକୁ କବି ଅବନୀ ମିଶ୍ର ରଚନା କରିଛନ୍ତି। ପ୍ରସନ୍ନ କୁମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ନିହାର ରଞ୍ଜନ କଣ୍ଠଦାନ କରିଛନ୍ତି।

### ବାଘଧରିଆ ଚାମ୍ପିୟନ



**ରାସୋଳ, ୩୧।୧(ଡି.ଏନ.ଏ.):** ରାସୋଳ ହାଟପଡ଼ିଆରେ ଚାଲିଥିବା ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ କୁରୁମିଠା ଏକାଦଶକୁ ହରାଇ ବାଘଧରିଆ ଏକାଦଶ ଚାମ୍ପିୟନ ହୋଇଛି। ବାଘଧରିଆ ନିର୍ଦ୍ଧାରିତ ୧୬ ଓଭରରେ ୧୦୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। କୁରୁମିଠାର ପାଳି ୧୦୨ ରନ୍‌ରେ ସୀମିତ ରହିଯାଇଥିଲା। ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧୦ ହଜାର ଏବଂ ରନର୍ସଅପ୍ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

### ମୋ ସ୍କୁଲ ଅଭିଯାନର କ୍ଲଷ୍ଟରସ୍ତରୀୟ ବୈଠକ

**ଭୁବନ, ୩୧।୧(ଡି.ଏନ.ଏ.):** ଭୁବନ ଏନ୍‌ଏସିସ୍ଥିତ ବଡ଼ହାଟ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନର କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏନ୍‌ଏସି ଅଧୀନ ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି କର୍ମକର୍ତ୍ତା, ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ଅନୁଦାନ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ମୋ ସ୍କୁଲ ଅଭିଯାନ ମନିଟରିଂ କମିଟି ସଦସ୍ୟା ପୁଷ୍ପାଞ୍ଜଳି ମିଶ୍ର ଅଭିଯାନର ଆଭିମୁଖ୍ୟ ଏବଂ ଏଥିରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଜୟ ସେଠୀ, ଅମ୍ବୁଜ ବାରିକ, ତୁଷାରକାନ୍ତି ମିଶ୍ର, ତାରାକାନ୍ତ ନାୟକ, ବିନୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତାମତ ଦେଇଥିଲେ। ପ୍ରଧାନ ଶିକ୍ଷକ ନରୋତ୍ତମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦନ୍ତା ବଢ଼ାଇଛି ଆତଙ୍କ

**ଢେଙ୍କାନାଳ ଅଫିସ, ୩୧।୧**



ପୋଲିସ ଏବଂ ବନ କର୍ମଚାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

- ଶୋଇଥିବା ଚାଷୀଙ୍କୁ କଚାଡ଼ି ମାରିଲା
- ୧୫ଦିନରେ ନେଲାଣି ୩ ଜଣଙ୍କ ଜୀବନ
- ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ

ଢେଙ୍କାନାଳ ଜିଲାରେ ବର୍ଷ ଆରମ୍ଭରୁ ହାତୀ-ମଣିଷ ସଂଘର୍ଷ ତୀବ୍ର ରୂପ ଧାରଣ କରିଛି। ଫସଲ ଅମଳ ସରିଯାଇଥିବାବେଳେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇଛନ୍ତି ହାତୀପଲ। ପରଜଙ୍ଗ, ହିନ୍ଦୋଳ ଏବଂ ସଦର ବ୍ଲକରେ ଗୋଠଛଡ଼ା ଦନ୍ତା ବ୍ୟାପକ ଉପଦ୍ରବ ଆରମ୍ଭ କରିଛନ୍ତି। ରବିବାର ନରହନ୍ତା ଦନ୍ତା ଆକ୍ରମଣରେ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳର ଯୁବଚାଷୀ ପ୍ରଶାନ୍ତ ରାଉତ (୩୨)ଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ସକାଳ ୭ଟାରୁ ସାଢ଼େ ୯ଟା ଯାଏ ଗୋବିନ୍ଦପୁରଠାରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଗତ ୧୫ଦିନ ମଧ୍ୟରେ ଏହା ହେଉଛି ତୃତୀୟ ଘଟଣା। ଏଥିପୂର୍ବରୁ ଦାମୋଦରନାଳୀ, ଗହମଖୁଣ୍ଟିରେ ଦୁଇଜଣଙ୍କୁ ଏହି ଦନ୍ତା ଦଳି ମାରିଦେଇଥିଲା। ଦିନକୁ ଦିନ ଉକ୍ତ ହାତୀ ରକ୍ତମୁଖା ହେଉଛି। ବାଡ଼ିବଗିଚାରେ ପଶି ବ୍ୟାପକ ଉପଦ୍ରବ କରୁଛି। ଘଉଡ଼ାଇଲେ ମାରିବାକୁ ଗୋଡ଼ାଉଛି। ତୁରନ୍ତ ଦନ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ପ୍ରଶାନ୍ତ ଧାନ ଫସଲ ଜଗିବାକୁ ବିଲକୁ ଯାଇ ଗୋବିନ୍ଦପୁର ଗୋଡିସାହିସ୍ଥିତ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ଶୋଇଥିଲେ। ଭୋର୍ ସମୟରେ ଦନ୍ତାହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଅଞ୍ଚଳବାସୀଙ୍କ କହିବା କଥା, ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଛି। ଫଳରେ ବ୍ୟାପକ ଧନଜୀବନ ହାନି ହେଉଛି। ତୁରନ୍ତ ହାତୀକୁ ଅନ୍ୟତ୍ର ନ ଘଉଡ଼ାଇଲେ ଜନଆନ୍ଦୋଳନ ତୀବ୍ରତର ହେବ। ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୂଚନା ପାଇ ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ସଦର ରେଞ୍ଜର ଧରିତ୍ରୀ ମୁର୍ମୁ, ଫାଣ୍ଡି ଅଧିକାରୀ ସତ୍ୟଜିତ ଭୂତିଆ ପ୍ରମୁଖ ସଦଳବଳ ପହଞ୍ଚି ବୁଝାଶୁଝା କରିଥିଲେ। ରେଡ୍‌କ୍ରସ୍ ଏବଂ ବନ ବିଭାଗ ପକ୍ଷରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ପ୍ରଶାନ୍ତଙ୍କ ସ୍ତ୍ରୀଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଥିଲେ ସୋମବାର ସୁଦ୍ଧା ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ।



**ଯାତାୟାତ ଅସୁରକ୍ଷିତ ହୋଇପଡ଼ିଛି**

ଦନ୍ତା ଉପଦ୍ରବରେ ଚାଷୀ, ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସଞ୍ଜ ଗଡ଼ିଲେ ରାସ୍ତାରେ ଯାତାୟାତ ଅସୁରକ୍ଷିତ ହୋଇପଡ଼ିଛି। ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ହାତୀକୁ ଅନ୍ୟତ୍ର ନ ଘଉଡ଼ାଇଲେ ଆନ୍ଦୋଳନ ତୀବ୍ରତର ହେବ।

-ଅକ୍ଷୟ ରାଉତ, ପୂର୍ବତନ ସରପଞ୍ଚ



**ଘରୁ ପଦାକୁ ବାହାରି ହେଉନି**

ଦୁଇ ସପ୍ତାହରେ ଏହି ଗୋଠଛଡ଼ା ଦନ୍ତା ୩ଜଣଙ୍କୁ ମାରି ସାରିଲାଣି। ହାତୀ ଉପଦ୍ରବ ଯୋଗୁ ଘରୁ ପଦାକୁ ବାହାରି ହେଉନାହିଁ। ଡିଏଫ୍‌ଓଙ୍କୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବନ ବିଭାଗ ଲୋକଙ୍କ ସୁରକ୍ଷା କଥା ଚିନ୍ତା କରୁନାହିଁ। ଭୟ ଓ ଆତଙ୍କରେ ଦିନ କାଟୁଛୁ।

-ସନ୍ତୋଷ ସ୍ୱାଇଁ, ଗ୍ରାମବାସୀ



**ଟ୍ରାଙ୍କୁଲାଇଜ୍ କରି ସ୍ଥାନାନ୍ତର କରାଯାଉ**

ଉପଦ୍ରବ କରୁଥିବା ଦନ୍ତା ପାଇଁ ଅଞ୍ଚଳବାସୀ ଭୟ ଆତଙ୍କରେ ଦିନ କାଟୁଛନ୍ତି। ଏହାକୁ ଟ୍ରାଙ୍କୁଲାଇଜ୍ କରି ଅନ୍ୟତ୍ର ସ୍ଥାନାନ୍ତର କରିବା ଜରୁରୀ ହୋଇପଡ଼ିଛି। ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ବନ ବିଭାଗ ନିକଟରେ ଦାବି କରାଯାଇଛି।

-ଦିଲୀପ ପଟ୍ଟନାୟକ, ଗୋବିନ୍ଦପୁର



**ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ**

ସଦର ରେଞ୍ଜ୍‌ର ମେଘା ସଂରକ୍ଷିତ ଜଙ୍ଗଲରୁ ଉକ୍ତ ଦନ୍ତା ହାତୀ ଆସି ନିକଟବର୍ତ୍ତୀ ଅଞ୍ଚଳରେ ଉପଦ୍ରବ କରୁଛି। ଭୋର୍ ୪ଟା ବେଳେ ପ୍ରଶାନ୍ତ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଟ୍ରାଙ୍କୁଲାଇଜ୍ କରିବା କ୍ଷମତା ଆମ ହାତରେ ନାହିଁ। ଏ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ।

-ଧରିତ୍ରୀ ମୁର୍ମୁ, ସଦର ରେଞ୍ଜର

## ବାପୁ ମନ୍ଦିରରେ ଗୀତାଜ୍ଞାନ ଯଜ୍ଞ

**କାମାକ୍ଷାନଗର, ୩୧।୧(ଡି.ଏନ.ଏ.)**

କାମାକ୍ଷାନଗରସ୍ଥିତ ବାପୁ ମନ୍ଦିର ପରିସରରେ ବାପୁମନ୍ଦିର ନ୍ୟାସ ଓ ପୂଜ୍ୟପୂଜା ସଙ୍ଗଠନ ପକ୍ଷରୁ ନବମ ବାର୍ଷିକ ପଞ୍ଚଦିବସୀୟ ଗୀତାଜ୍ଞାନ ଯଜ୍ଞ ଏବଂ ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଶନିବାର ଉଦ୍‌ଯାପନୀ ଦିବସରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଖଦିବସ୍ତ୍ର ଏବଂ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ୱାଧୀନତା ସଂଗ୍ରାମରେ ବାପୁଜୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟୁଷରେ ପଣ୍ଡିତ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା, ହୋମ କରାଯାଇଥିଲା। ଆଜୀବନ ସଦସ୍ୟ ରାମ କୁମାର ଆଚାର୍ଯ୍ୟ, ତାଙ୍କ ସ୍ତ୍ରୀ ପ୍ରତିଭାଲକ୍ଷ୍ମୀ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯୋଗଗୁରୁ ନିର୍ମଳ କୁମାର ସାହୁ ଉପକର୍ତ୍ତା ଭାବେ ଉପସ୍ଥିତ ଥିଲେ। ବାପୁ ମନ୍ଦିର ସଭାପତି ଅରବିନ୍ଦକାନ୍ତ ରାୟ, ସମ୍ପାଦକ ମାୟାଧର ପାଣି, କୋଷାଧ୍ୟକ୍ଷ ଶ୍ରୀରାମ ରାଉତ, ଶିକ୍ଷାବିତ୍ ମେଜର ପ୍ରଭାତ କୁମାର ଦାଶ, ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡ଼ା, ମଙ୍ଗତଲାଲ କଟାରୁକା ପ୍ରମୁଖ ଉପସ୍ଥିତ ଥିଲେ।

## 'ନିର୍ଭୀକତା ହିଁ ବିଧାନଚନ୍ଦ୍ରଙ୍କ ପରିଚୟ'



ସ୍ମୃତିସଭାରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୩୧।୧**

ସ୍ପଷ୍ଟବାଦିତା ଏବଂ ନିର୍ଭୀକତା ଥିଲା ଶିକ୍ଷାବିତ୍ ବିଧାନ ଚନ୍ଦ୍ର ମିଶ୍ରଙ୍କ ପରିଚୟ। ନ୍ୟାୟ ପାଇଁ ସେ ସାରାଜୀବନ ଲଢ଼େଇ ଜାରି ରଖିଥିଲେ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ଏହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କହିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ଢେଙ୍କାନାଳସ୍ଥିତ ମୁକ୍ତାଦେଇପୁର ଶାସନସ୍ଥିତ କୃଷ୍ଣଚନ୍ଦ୍ର ଭବନ ପରିସରରେ ରବିବାର ପାଳିତ ଡ. ବିଧାନ ଚନ୍ଦ୍ର ମିଶ୍ରଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଏହା କହିଥିଲେ।

ମୁକ୍ତାଦେଇପୁର ଶାସନ ମହାଜନ ମହାସଭା ସଭାପତି ଶଶିମୌଳି ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ସମ୍ମାନିତ ଅତିଥି ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଶାସକ ବିଶ୍ୱନାଥ ବେହେରା, ବିଜେଡି କୃଷକ ସେଲ୍‌ର ଜିଲା ସଭାପତି ନରୋତ୍ତମ ସାହୁ, କଂଗ୍ରେସ ନେତା ପ୍ରେମଶଙ୍କର ମିଶ୍ର, ଓକିଲ ସଂଘର ପୂର୍ବତନ ସଭାପତି ଶିବସାଇ ମହାପାତ୍ର, ଶିକ୍ଷାବିତ୍ ରାମେଶ୍ୱର ମିଶ୍ର, ସୁକାନ୍ତ ମିଶ୍ର ପ୍ରମୁଖ ବିଧାନଚନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କବି ଅଥୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦେବଦତ୍ତ ମିଶ୍ର, ଅରବିନ୍ଦ ସାହୁ, ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ଶ୍ରୀକାନ୍ତ ଧଳ, ଅଭିଜିତ ମିଶ୍ର, ଦେବକାନ୍ତ ମିଶ୍ର, ସୁରଜ ମହାପାତ୍ର, ଶଶିକାନ୍ତ ମିଶ୍ର, ନିଗମାନନ୍ଦ ନନ୍ଦ, ଟୁକୁନା ନାୟକ, ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପିଇଓ ଜିଆର୍‌ଏସ୍ ଦଳ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୩୧।୧**



ଚାମ୍ପିୟନ ପିଇଓ ଜିଆରଏସ୍ ଦଳ।

ଢେଙ୍କାନାଳ ସଦର ବ୍ଲକ କର୍ମଚାରୀ, ସରପଞ୍ଚ ଏବଂ ସମିତିସଭ୍ୟଙ୍କୁ ନେଇ ରବିବାର କାଇମାଟି ଖେଳପଡ଼ିଆରେ ଏକଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ସୁଧୀର କୁମାର ସାମଲ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ପଞ୍ଚାୟତ ସମିତି ଏକାଦଶକୁ ହରାଇ ପିଇଓ ଜିଆର୍‌ଏସ୍ ଏକାଦଶ ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚ୍‌ରେ ପିଇଓ ଜିଆରଏସ୍ ଦଳର ୧୭୮ ରନ୍ ଜବାବରେ ପଞ୍ଚାୟତ ସମିତି ଦଳ ୭୯ ରନ୍ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସରପଞ୍ଚ ଦଳ ମାତ୍ର ୩୭ ରନ୍ କରିବାରେ ସକ୍ଷମ ହୋଇଥିଲେ। ପଞ୍ଚାୟତ ସମିତି ଏକାଦଶ ୩ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଏହାପରେ ପିଇଓ ଜିଆରଏସ୍ ଏବଂ ପଞ୍ଚାୟତ ସମିତି ଏକାଦଶ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ପିଇଓ ଜିଆରଏସ୍ ଦଳର ୧୪୦ ରନ୍ ଜବାବରେ ପଞ୍ଚାୟତ ସମିତି ଏକାଦଶ ୧୩୮ ରନ କରି ପରାସ୍ତ ହୋଇଥିଲା। ଚାମ୍ପିୟନ ଦଳର ନାଗାର୍ଜୁନ ବାରିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଶିଶିର ବିନ୍ଧାଣି ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବ୍ଲକ ଅଧ୍ୟକ୍ଷା ପଦ୍ମିନୀ ନାୟକ, ବିଡିଓ ଝାଡେଶ୍ୱର ଦାସ, କାଇମାଟି ସରପଞ୍ଚ ଝରସ୍ମିତା ଦେହୁରୀ, ଲଗନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ବିଭୁ ପ୍ରସାଦ ଦେହୁରୀ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ସାଇକ୍ଲୋଥନ୍‌ରେ ତୈଳ ସଂରକ୍ଷଣ ବାର୍ତ୍ତା



**ଢେଙ୍କାନାଳ ଅଫିସ, ୩୧।୧**

ସାଇକ୍ଲୋଥନ୍‌ରେ ତୈଳ ସଂରକ୍ଷଣ ବାର୍ତ୍ତା ନେଇ ଢେଙ୍କାନାଳରେ ରବିବାର ଆୟୋଜିତ ହୋଇଛି ସାଇକେଲ ରାଲି। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଫ୍ଲାଗ୍‌ଶିପ୍ ଆନୁକୂଲ୍ୟରେ ତୈଳଶିଳ୍ପ ପକ୍ଷରୁ 'ସକ୍ଷମ-୨୦୨୧' ପାଳନ ଅବସରରେ ଏହା ଆୟୋଜିତ ହୋଇଥିଲା। ମିନି ଷ୍ଟାଡିୟମରୁ ପୂର୍ବାହ୍ନ ୮ଟାରେ ବାହାରିଥିବା ଏହି ରାଲି ଢେଙ୍କାନାଳ କଲେଜ ପାଖରେ ଶେଷ ହୋଇଥିଲା। ବିଭୂତି ଭୂଷଣ ପ୍ରଧାନ, କୃଷ୍ଣଚନ୍ଦ୍ର ପାତ୍ର, ଜାତୀୟ ରାଜପଥ ପ୍ରାଧିକରଣ ଆର୍.ପି. ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ ଏବଂ ଗେଲ୍ ସହାୟତାରେ ଢେଙ୍କାନାଳ ସମେତ ରାଜ୍ୟର ୧୨ ଜିଲାରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର, ପିଏସ୍‌ୟୁ ତୈଳ କମ୍ପାନୀ ପ୍ରତିନିଧି, ଡିଲର, ଏଲ୍‌ପିଜି ବିତରକ ଏଥିରେ ସାମିଲ ହୋଇଥିଲେ।

## ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଟିମ୍।

**ଢେଙ୍କାନାଳ ଅଫିସ, ୩୧।୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡ଼ାପଡା ଗ୍ରାମ ମା' ଅନ୍ଧାରୀ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସୁବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ କଟକ ରାଇଜିଂ ଷ୍ଟୁଡେଣ୍ଟଙ୍କୁ ୨ଉଇକେଟରେ ହରାଇ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା କଟକ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୧୭୭ ରନ୍ ସଂଗ୍ରହ କରିଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ୧୯ ବଲ୍‌ରେ ୪୬ ରନ୍ କରିଥିଲେ। ଜବାବରେ ଭୁବନେଶ୍ୱର ୮ ଉଇକେଟ ବିନିମୟରେ ୧୮୦ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ୭୬ ରନ୍ କରିଥିବା ଚାମ୍ପିୟନ ଦଳର ଗିରିଜା ମିଶ୍ର 'ମ୍ୟାନ୍ ଅଫ୍ ଦି ମ୍ୟାଚ' ଏବଂ ସମ୍ବିତ୍ ବରାଳ 'ମ୍ୟାନ୍ ଅଫ୍ ଦି ସିରିଜ୍' ବିବେଚିତ ହୋଇଥିଲେ। ପ୍ରଶାନ୍ତ ଦାସ, ସଞ୍ଜୟ ସାମଲ ଖେଳ ପରିଚାଳନା କରିଥିଲେ। ବିଜନ ମିଶ୍ର ଧାରାବିବରଣୀ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ବାବନ୍ଧ ସରପଞ୍ଚ ମୀନାକ୍ଷୀ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ନଗଦ ୩୧ ହଜାର ଏବଂ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଦୁଷ୍ମନ୍ତ ଗଡ଼ନାୟକ, ବିକାଶ ସାମଲ, ଅଜିତ ସାମଲ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରେଳପଥ ନିର୍ମାଣରେ ଚୋରା ପଥର

**ପରଜଙ୍ଗ, ୩୧।୧(ଡି.ଏନ୍.ଏ.)**

- ତହସିଲଦାର ଧରିଲେ ୩ ହାଇୱା
- ୧.୯୦ ଲକ୍ଷ ଟଙ୍କା ଜରିମାନା ଆଦାୟ



ଜବତ ହାଇୱା।

ଚୋରା କଳା ମୁଗୁନି ପଥରରେ ନିର୍ମାଣ ହେଉଛି ରେଳପଥ। ବନ ବିଭାଗ ଏବଂ ପ୍ରଶାସନ ଆଖିରେ ଧୂଳି ଦେଇ ଏହି ବେଆଇନ କାରବାର ଚାଲିଛି। ଏଥିରେ ଠିକାସଂସ୍ଥା ମାଲାମାଲ ହେଉଥିବାବେଳେ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ଏଭଳି ଏକ ଚୋରା ମୁଗୁନିପଥର ଚାଲାଣ ର୍‍ୟାକେଟ ଧରିବାରେ ସଫଳ ହୋଇଛି ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କର୍ତ୍ତୃପକ୍ଷ। ଘଟଣାସ୍ଥଳରୁ ୩ ପଥର ବୋଝେଇ ହାଇୱା ଜବତ କରାଯାଇଛି। ଉକ୍ତ ଗାଡ଼ିରୁ ୧ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ଜୟନ୍ତ କୁମାର ଜୟସିଂ ସୂଚନା ଦେଇଛନ୍ତି।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଦେଇ ଅନୁଗୋଳ-ସୁକିନ୍ଦା-ଜୁବୁରୀ ରେଳପଥ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ବ୍ୟବହୃତ ହେଉଛି ବିପୁଳ ପରିମାଣର ମୁଗୁନିପଥର। ଲାଭଖୋର ଠିକାସଂସ୍ଥା ବେଆଇନ ଖାଦାନରୁ ଅଳ୍ପ ଟଙ୍କା ଦେଇ ଏହାକୁ କିଣୁଥିବା ଅଭିଯୋଗ ହୋଇ ଆସୁଥିଲା। ହାଇୱାରେ ପଥରଚାଲାଣ ହେଉଥିବା ସୂଚନା ପାଇ ବାରିହାପୁର ନିକଟରେ ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କ ନେତୃତ୍ୱରେ ଆର୍‌ଆଇ ଗିରୀଶ ସିଂ, ଅପର୍ଣ୍ଣା ପ୍ରିୟଦର୍ଶିନୀ, ଦୀନେଶ ସିଂ, ଅମିନ ଖାରବେଳ ସ୍ୱାଇଁ ପ୍ରମୁଖ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୩ ହାଇୱା (ନଂ. ଓଡ଼ି ୩୫ ବି ୮୮୪୪, ଓଡ଼ି ୩୫ ଡି ୯୭୬୯, ଓଡ଼ି ୩୫ ଡ଼ି ୯୭୮୯) ଜବତ କରାଯାଇଥିଲା। ଗାଡ଼ି ମାଲିକ ସୁଶାନ୍ତ ପଟ୍ଟନାୟକଙ୍କଠାରୁ ୧ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ପରେ ହାଇୱାଗୁଡ଼ିକ ଛଡ଼ାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

ବାରିହାପୁର ନିକଟବର୍ତ୍ତୀ ଜଙ୍ଗଲରେ ଅନେକ ବେଆଇନ ପଥର ଖାଦାନ ଚାଲିଛି। ଚଢ଼ାଉରୁ ବର୍ତ୍ତିବା ଲାଗି ପଥର ମାଫିଆମାନେ ମୁଖ୍ୟରାସ୍ତାରେ ଲୋକ ନିୟୋଜିତ କରୁଛନ୍ତି। ଅଧିକାରୀମାନେ ଚଢ଼ାଉ ଲାଗି ଆସିବା ପୂର୍ବରୁ ଏ ସମ୍ପର୍କିତ ସୂଚନା ପଥର ଚାଲାଣକାରୀଙ୍କ ନିକଟରେ ପହଞ୍ଚିଯାଉଛି। ଫଳରେ କେହି ଧରାପଡୁ ନ ଥିବା ଜଣେ ଅଧିକାରୀ ନାମଗୋପନ ରଖି କହିଛନ୍ତି। ଅନ୍ୟପଟେ ଅଞ୍ଚଳରେ ବିନା ନିଲାମରେ କେତେକ କ୍ରଶର ଚାଲିଛି। ବିଭାଗରେ କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତ କରି ସେମାନେ ଏହି କାରବାର ଚଳାଇଛନ୍ତି। ଏହାକୁ ରୋକିବାରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ୬ ଆକ୍ରାନ୍ତ, ୯ ସୁସ୍ଥ

**ଅନୁଗୋଳ ଅଫିସ, ୩୧।୧:** ଅନୁଗୋଳ ଜିଲାରୁ ରବିବାର ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ହଜାର ୨୬୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ପୌରପାଳିକାରୁ ୪ ଜଣ, କଣିହାଁରୁ ଜଣେ ଓ ଆଠମଲ୍ଲିକରୁ ଜଣେ ରହିଛନ୍ତି। ଅନ୍ୟ ବ୍ଲକରୁ କୌଣସି ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୯ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଜମିଜମା ଗଣ୍ଡଗୋଳ, ୨ ଗିରଫ

**କଣିହାଁ,୩୧।୧(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଲିସ ଜମିଜମା ସମସ୍ୟା ନେଇ ଗଣ୍ଡଗୋଳ ଓ ଆକ୍ରମଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଆଇଆଇସି ସରୋଜ କୁମାର ସାମଲ କହିଛନ୍ତି, ୨୦୦୯ରେ ୨୬ ଭୂମିହୀନ ପରିବାରକୁ ପ୍ରଶାସନ ପକ୍ଷରୁ ପଟ୍ଟା ସହ ଜମି ଚିହ୍ନଟ ଦିଆଯାଇଥିଲା। କିନ୍ତୁ ସମ୍ପୃକ୍ତ ପରିବାର ନିଜସ୍ୱ ଜାଗା ପାଉନାହାନ୍ତି। ଉକ୍ତ ଜାଗାକୁ ପୂର୍ବରୁ ଦଖଲ କରିଥିବା ଅର୍କିଳ ପଞ୍ଚାୟତର କରୁଣାକର ସାହୁ ଓ ଭଗବାନ ସାହୁ ଏ ନେଇ ଏକ ଟାଙ୍ଗିଆରେ ଆକ୍ରମଣ କରିବାରୁ ମୁରଲୀ ପ୍ରଧାନ, ସଞ୍ଜୁ ମାଝି ଆହତ ହୋଇଥିଲେ। ମୁରଲୀ ଓ ସଞ୍ଜୁଙ୍କ ସହ ୨୬ ପରିବାର କରୁଣାକର ଏବଂ ଭଗବାନଙ୍କ ନାମରେ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିବା ଆଇଆଇସି ସୂଚନା ଦେଇଛନ୍ତି।

### ଘର ଭାଙ୍ଗିଲେ, ଫସଲ ନଷ୍ଟ କଲେ

**ବଣ୍ଡାରପାଳ,୩୧।୧(ଡି.ଏନ.ଏ.):** ଅନୁଗୋଳ ଜିଲା ପୁରୁଣାକୋଟ ଅଞ୍ଚଳରୁ ବଣ୍ଡାରପାଳ ବ୍ଲକ ତଳମୂଳ ଗ୍ରାମକୁ ଶନିବାର ରାତିରେ ୨୫ରୁ ଊର୍ଦ୍ଧ୍ୱ ହାତୀ ପଲାଇ ଆସି ଉପଦ୍ରବ ଚଳାଇଛନ୍ତି। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀପଲ ଗାଁରେ ପଶି କେତେଜଣଙ୍କ ଘର ଭାଙ୍ଗି ଦେଇଛନ୍ତି। ବାଡ଼ି ବଗିଚାରେ ଥିବା ବହୁ ଗଛ ନଷ୍ଟ କରିବା ସହ ପରିବା ଫସଲ ଦଳି ଚକଟି ଦେଇଛନ୍ତି। ତଳମୂଳ ମୁଖ୍ୟରାସ୍ତା ଉପରେ ନିର୍ଭର କରୁଥିବା ଗାଡ଼ିଗୁଡ଼ିକୁ ଯାତାୟାତ ନେଇ ବାରଣ କରାଯାଇଛି। ଖବରଲେଖା ହେବା ସୁଦ୍ଧା ଅଞ୍ଚଳରେ ହାତୀପଲ ରହିଛନ୍ତି। ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ଓ ପୋଲିସ ପହଞ୍ଚି ହାତୀପଲଙ୍କୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

### ପିକ୍ଅପ୍ ଦୁର୍ଘଟଣାଗ୍ରସ୍ତ

**ଛେଣ୍ଡିପଦା,୩୧।୧(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ମାମୁରିଆ ଗ୍ରାମ ନିକଟରେ ଶନିବାର ରାତିରେ ଏକ ଟମାଟୋ ବୋଝେଇ ପିକ୍ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଛେଣ୍ଡିପଦାରୁ ଦେବଗଡ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଛେଣ୍ଡିପଦା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ଚାପ କମିଲା, ଅପରାଧ କମୁନି

- ଅନୁଗୋଳ ଥାନା ଅଞ୍ଚଳରେ ବଢୁଛି ଆପରାଧିକ କାର୍ଯ୍ୟକଳାପ
- ଘନ ଘନ ଛିନ୍ତାଇ ସହ ଚୋରି, ଡକାୟତିକୁ ନେଇ ଚିନ୍ତା
- ବୃଦ୍ଧିପାଉଛି ଗଞ୍ଜେଇ ସହ ବ୍ରାଉନସୁଗାର କାରବାର

**ଅନୁଗୋଳ ଅଫିସ, ୩୧।୧**



ସଦର ଥାନା ଖୋଲାଯିବା ପରେ ଅନୁଗୋଳ ଥାନା ଉପରୁ ଚାପ ହ୍ରାସ ପାଇଛି। କିନ୍ତୁ ସେହି ଅନୁସାରେ ଆପରାଧିକ କାର୍ଯ୍ୟକଳାପ କମୁନାହିଁ। ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ନ ଥିବାରୁ ସହରର ବିଭିନ୍ନ ସ୍ଥାନରେ ଅସାମାଜିକମାନେ ଆଡ୍ଡା ଜମାଇବା ସହ ଛିନ୍ତାଇ, ଚୋରି ଓ ଡକାୟତି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ କରି ଚୁପ୍ ବସିଯାଉଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଥାନା ଅଞ୍ଚଳରେ କିପରି ଅପରାଧ ରୋକାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାବେଳେ ଗଞ୍ଜେଇ, ବ୍ରାଉନସୁଗାର କାରବାର ବଢ଼ି ବଢ଼ି ଚାଲିଛି।

ପୂର୍ବରୁ ଅନୁଗୋଳ ଥାନା ଅଧୀନରେ ୨୩ଟି ପଞ୍ଚାୟତ ସହ ପାଖାପାଖି ଶହେ ଗାଁ ରହିଥିଲା। ଗତ ଡିସେମ୍ବର ମାସରେ ସଦର ଥାନା ସ୍ଥାପନ ପରେ ୧୮ଟି ପଞ୍ଚାୟତ ଓ ୮୩ଟି ଗ୍ରାମରେ ଆଇନଶୃଙ୍ଖଳା ଦାୟିତ୍ୱ ଏହି ଥାନା ଉପରକୁ ଚାଲିଆସିଛି। ଅବଶିଷ୍ଟ ୫ଟି ପଞ୍ଚାୟତ ସହ ଅନୁଗୋଳ ପୌରପାଳିକା ଅଞ୍ଚଳ ଅନୁଗୋଳ ଥାନା ଅଧୀନରେ ରହିଛି। ସୀମା ସଂକୁଚିତ ହୋଇଥିବାରୁ ଅନୁଗୋଳ ଥାନା ପୋଲିସ ଆପରାଧିକ କାର୍ଯ୍ୟକଳାପ ହ୍ରାସ ଦିଗରେ ସଫଳତା ପାଇବା କଥା। କିନ୍ତୁ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଡକାୟତ ଗୋଷ୍ଠୀ ସକ୍ରିୟ ରହିଥିବାବେଳେ ନିଶା କାରବାର ବୃଦ୍ଧି ପାଉଛି। ସହର ଓ ଏହା ଉପକଣ୍ଠରେ ଥିବା ବହୁ ନିରୋଳା ସ୍ଥାନରେ ଅପରାଧର ଯୋଜନା ପ୍ରସ୍ତୁତ କରାଯାଉଛି। ଗତ ସପ୍ତାହରେ ନିଶା କାରବାର ସନ୍ଦେହରେ ଅନୁଗୋଳ ଥାନା ଅଧିକାରୀ ୭ରୁ ୮ ଜଣ ଯୁବକଙ୍କୁ ରାତିରେ ଉଠାଇ ଆଣିଥିଲେ। ହେଲେ ରାତି ଅଧରେ ୪ ଜଣଙ୍କୁ ଛାଡ଼ିଦେଇଥିଲେ। ସେହିପରି ଛିନ୍ତାଇ ଗୋଷ୍ଠୀ ଏବେ ସହରରେ ସକ୍ରିୟ ହୋଇପଡ଼ିଛନ୍ତି। ମହିଳାଙ୍କ ବେକ, କାନରୁ ଗହଣା ସହ ବ୍ୟାଙ୍କରୁ ମୋଟା ଅଙ୍କର ଟଙ୍କା ନେଇ ଆସୁଥିବା ଲୋକଙ୍କୁ ଟାର୍ଗେଟ କରୁଛନ୍ତି। କାଲଟାକ୍ସ ଛକରେ ଜଣେ ମହିଳାଙ୍କଠାରୁ ଛିନତାଇ କରାଯାଇଛି। ଗତମାସରେ ଜଣେ ବରିଷ୍ଠ ନାଗରିକଙ୍କ ନିକଟରୁ ବସ୍ଷ୍ଟାଣ୍ଡ ସମ୍ମୁଖରୁ ୨୦ ହଜାର ଟଙ୍କା ଝାମ୍ପି ନିଆଯାଇଛି। ଗତ ୨୧ ତାରିଖରେ ଦିବାଲୋକରେ ବିକାଶନଗର ଗାୟତ୍ରୀ ଭିଲାର ଜଣଙ୍କ ଘରୁ ଟଙ୍କା ଓ ସୁନା ଚୋରି ହୋଇଛି। ୧୧ ତାରିଖରେ ଧର୍ମଶାଳା ନିକଟରେ ଡିକି ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ କରାଯାଇଛି। ୧୫ ତାରିଖରେ ଶୁଶୁଡ଼ା ପଞ୍ଚାୟତ ଗୋପୀନାଥପୁରରୁ ଟ୍ରାନ୍ସଫର୍ମର ଚୋରି ହୋଇଥିବାବେଳେ ମିଶ୍ରପଡ଼ା ଛକରେ ଜଣେ ଚିକେନ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଦୁଇଦିନ ତଳେ ଶିକ୍ଷକପଡ଼ା ଛକରେ ମଧ୍ୟ ଜଣେ ଯୁବକଙ୍କୁ ଆକ୍ରମଣ ସହ ସୁନା ଚେନ୍ ଓ ୩ ଲକ୍ଷ ଟଙ୍କା ଲୁଟ୍ କରାଯାଇଛି। ରାଣୀଗୁଡ଼ା ଷ୍ଟେଶନ ଛକରେ ସନ୍ଧ୍ୟା ହେଲେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଏପରି ଅଭିଯୋଗର ତାଲିକା ଲମ୍ବୁଥିବା ବେଳେ ଅନୁଗୋଳ ଥାନା ପୋଲିସ କେବେ ଆଇନଶୃଙ୍ଖଳାରେ ଉନ୍ନତି ଆଣିପାରିବ ତାହାକୁ ସହରବାସୀ ଅପେକ୍ଷା କରିଛନ୍ତି।

#### ସହର ଉପକଣ୍ଠକୁ ଗାଡ଼ି ଗଡୁନି



ଅନୁଗୋଳ ପୋଲିସ ପକ୍ଷରୁ କରାଯାଉଥିବା ପାଟ୍ରୋଲିଂ କେବଳ ସହରରେ ସୀମିତ ରହିଯାଉଛି। ଉପକଣ୍ଠ ଅଞ୍ଚଳ ଯାଏ ଏହି ଗାଡ଼ି ଗଡୁ ନ ଥିବାରୁ ଏଠାରେ ଅପରାଧ ବଢୁଛି। ଆବଶ୍ୟକ ବେଳେ ଫୋନ କଲେ ତୁରନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପାରୁନାହିଁ। ଏ ଦିଗରେ ଅଧିକ ଦୃଷ୍ଟି ଦିଆଗଲେ ଲୋକଙ୍କ ଭରସା ଓ ବିଶ୍ୱାସ ଅତୁଟ ରହିପାରିବ।

- ନେତ୍ରାନନ୍ଦ ସାମନ୍ତ, ବୁଦ୍ଧିଜୀବୀ

#### ଅସୁରକ୍ଷିତ ହୋଇପଡ଼ିଲେଣି ସହରବାସୀ



ଅନୁଗୋଳ ସହରର ବହୁ ସ୍ଥାନରେ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ସୁଯୋଗ ପାଇଲେ ସେମାନେ କେତେବେଳେ ଛିନ୍ତାଇ କରୁଛନ୍ତି ଆଉ କେବେ ଡକାୟତି। ତେଣୁ ସହରବାସୀ ଅସୁରକ୍ଷିତ ହୋଇପଡ଼ିଲେଣି। ଅପରାଧୀଙ୍କୁ ସାବାଡ୍ କରିବା ସହ ଲୋକଙ୍କୁ ସହଯୋଗ କରିବା ମନୋବୃତ୍ତି ନେଇ ପୋଲିସ କାର୍ଯ୍ୟ କରିବା ଆବଶ୍ୟକ।

- ସୋମନାଥ ରାଉତ, ସମ୍ପାଦକ, ଅନୁଗୋଳ ବାର୍ ଆସୋସିଏଶନ୍

#### ଅପରାଧର ମୂଳ ଖୋଜାଯାଉ ନାହିଁ



ଅନୁଗୋଳ ଥାନା ସୀମା ହ୍ରାସପାଇଛି। କିନ୍ତୁ ଗୋଇନ୍ଦା ଦୁର୍ବଳ ଯୋଗୁ ଥାନା ଅଞ୍ଚଳରେ ବିଭିନ୍ନ ଅପରାଧ ବଢ଼ିବାରେ ଲାଗିଛି। ଥାନାରେ ମାମଲା ହେଲେ ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରିଦେଲେ କାମ ସାରିଦେଉଛି ବୋଲି ପୋଲିସ ଭାବୁଛି। ଅପରାଧର ମୂଳଦୁଆ ଖୋଜାଯାଉ ନାହିଁ। ଫଳରେ ଅପରାଧୀମାନେ ସେମାନଙ୍କ ସାମ୍ରାଜ୍ୟ ବିସ୍ତର କରିଚାଲିଛନ୍ତି।

- ଭୂପେଶ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି, ଅଲଓଡ଼ିଶା ଆଇନଜୀବୀ ପରିଷଦ

#### ପାଟ୍ରୋଲିଂ କଡ଼ାକଡ଼ି କରାଯିବ



ଅନୁଗୋଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ ବଢ଼ାଯିବ। ବ୍ରାଉନସୁଗାର ଓ ଗଞ୍ଜେଇ ବେପାର ଚାଲୁଥିବା ଅଞ୍ଚଳ ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ପୂର୍ବରୁ ଅନୁଗୋଳ ଥାନାରେ ଯେତିକି ପାଟ୍ରୋଲିଂ ଗାଡ଼ି ଥିଲା, ଏବେ ମଧ୍ୟ ରହିଛି। ବିଜୁ ମଇଦାନ ଓ ବଜାରରେ ଭିଡ଼ ନିୟନ୍ତ୍ରଣ କରିବା ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଉଥିଲା। ଏବେ ଗ୍ରାମାଞ୍ଚଳ ସହ ସହରାଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ।

- ଜଗମୋହନ ମୀନା, ଏସ୍ପି, ଅନୁଗୋଳ

### ଜବରଦଖଲ ଅଭିଯୋଗ

**ବଇଣ୍ଡା,୩୧।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଗ୍ରାମର ପ୍ଲଟ ନମ୍ବର ୨୦ରେ ଥିବା ସରକାରୀ ଜମି ଓ ରାସ୍ତାକୁ ଜବରଦଖଲ କରାଯାଇଥିବା ଶନିବାର ଗ୍ରାମବାସୀ ଆଠମଲ୍ଲିକ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଉକ୍ତ ସରକାରୀ ଜମିରେ ପୂର୍ବରୁ ରାସ୍ତା ରହିଛି। ସେଥିରେ ବହୁ ଲୋକ ଯାତାୟାତ କରୁଛନ୍ତି। କିନ୍ତୁ କେତେଜଣ ଲୋକ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଉକ୍ତ ଜମିକୁ ଜବରଦଖଲ କରିଛନ୍ତି। ଫଳରେ ଜନସାଧାରଣ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମି ଜବରଦଖଲ ନେଇ କହିଲେ ସେମାନେ ବିଭିନ୍ନ ପ୍ରକାର ଧମକ ଦେଉଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜବରଦଖଲ ହୋଇଥିବା ରାସ୍ତାକୁ ହଟାଇବା ପାଇଁ ସରପଞ୍ଚ ପ୍ରତାପ କୁମାର ସାହୁ, ଗୌର ସେଠୀ, ଯୋଗେଶ୍ୱର ସାହୁ, ବସନ୍ତ ସାହୁ, ସୁଧାଂଶୁ ଭୂଷଣ ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ଜବରଦଖଲ ଉପରେ ତଦନ୍ତ କରାଯାଇ ପଦେକ୍ଷେପ ନିଆଯିବ।

### ଜାଗର ପ୍ରସ୍ତୁତି ବୈଠକ

**ବଇଣ୍ଡା,୩୧।୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ପାଇକସାହି ଶିବ ମନ୍ଦିରରେ ଶିବ ରାତ୍ରି ପାଳନ ହେବ। ଏ ନେଇ ମନ୍ଦିର କମିଟି ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କିନୁରାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜୟନ୍ତ ପ୍ରଧାନ, ବିଜୟ କୁମାର ଦେହୁରି, ସାରଥି ସାହୁ, ବୀରବର ପ୍ରଧାନ, କ୍ଷିତିଶ ପ୍ରଧାନ, ରଘୁପତି ସାହୁ, ବିବେକା ପ୍ରଧାନ ପ୍ରମୁଖ ଯୋଗଦେଇ କିଭଳି ଶିବ ରାତ୍ରି ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ।

# ନିଷ୍ଠାପର ଭାବେ ସେବା କର



କଲେଜ ସଫେଇ କରିଥିବା ସମର ଶିକ୍ଷାର୍ଥୀ ବାହିନୀ ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୩୦।୧:**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଶନିବାର ଶହୀଦ ଦିବସ ପାଳିତ ହୋଇଛି। କଲେଜ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଗାନ୍ଧିଜୀ ଦେଖାଇଥିବା ଅହିଂସା ମାର୍ଗରେ ନିଷ୍ଠାପର ଭାବେ ଦେଶ ସେବାରେ ବ୍ରତୀ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ଏବେକାର ଛାତ୍ରୀଛାତ୍ର ଓ ଯୁବପିଢ଼ି ଜୀବନରେ କିଭଳି ସଫଳତା ହାସଲ କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସୋମେଶ ସାହୁ, ଶିବ ପ୍ରସାଦ ସାହୁ, ଶ୍ରେୟା ଓଝା, ମଧୁଶ୍ୱେତା ସାମଲ ପ୍ରମୁଖ କଲେଜ ପରିସରକୁ ସଫା କରିଥିଲେ। ଦିବସ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

### ପଟ୍ଟା ଥାଇ ଜାଗାରୁ ବଞ୍ଚିତ ଅଭିଯୋଗ

**ଖମାର,୩୧।୧**

ରେଙ୍ଗାଳି ବୁଡ଼ି ଅଞ୍ଚଳର କ୍ଷତିଗ୍ରସ୍ତ ପଞ୍ଚାନନ ସାହୁଙ୍କୁ ସରକାରଙ୍କ ପକ୍ଷରୁ ଖାତା ନଂ ୫୫/୫୪ରେ ୬ ଏକର ୫୦ ଡିସିମିଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଏହି ଜମି ପାଲଲହଡ଼ା ଉପଖଣ୍ଡ ଶଙ୍ଖପୁର ପଞ୍ଚାୟତ ପିଟା ଗ୍ରାମରେ ରହିଛି। କିନ୍ତୁ ଜାଗା ଥିଲେ ବି ତାହାକୁ ଜବରଦଖଲ କରାଯାଇଥିବାରୁ ପଞ୍ଚାନନ ସରକାରୀ ଜାଗାରେ ବହୁ ଦୟନୀୟ ଅବସ୍ଥାରେ ରହି ଆସୁଥିବା ଅଭିଯୋଗ କରିଛନ୍ତି। ଜାଗା ଚିହ୍ନଟ ପାଇଁ ବାରମ୍ବାର ଅଭିଯୋଗ ପରେ ତହସିଲ ପକ୍ଷରୁ ପତ୍ର ସଂଖ୍ୟା ୪୫ /୫।୦୧।୨୦୨୧ରେ ଖମାର ଥାନାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୨୨ ତାରିଖରେ ଖମାର ପୋଲିସ, ରାଜସ୍ୱ ଅଧିକାରୀ ଜମି ଚିହ୍ନଟ କରିଥିଲେ। କିନ୍ତୁ ତାହା ଜବରଦଖଲ କରାଯାଇଥିବାରୁ ପଞ୍ଚାନନ ବେସାହାରା ଭାବେ ରହିଆସୁଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ବିସ୍ଥାପିତ ପରିବାରକୁ ନ୍ୟାୟ ଦେବାପାଇଁ ଦାବି ହୋଇଛି।

### ଏନ୍‌ଟିପିସି ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ



ଏନ୍‌ଟିପିସି ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି।

**କଣିହାଁ, ୩୧।୧(ଡି.ଏନ.ଏ.)**

କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ଏହାର ପାରିପାର୍ଶ୍ୱିକ ଅଞ୍ଚଳର କ୍ଷତିଗ୍ରସ୍ତ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରକୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ଗରିବ ଶ୍ରେଣୀର ପିଲା ପଢୁଥିବା ମା' ଭୈରବୀ ବିଦ୍ୟାପୀଠ, ବଳରାମପ୍ରସାଦଠାରେ ଥିବା ଦୃଷ୍ଟିହୀନ ବିଦ୍ୟାଳୟ, ନବଜୀବନ ଶିଶୁ ଗୃହ, ବୃଦ୍ଧାଶ୍ରମ ଅନୁଗୋଳ, ବଡ଼ଗୁଣ୍ଡୁରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗହମସ୍ଥିତ ଶିବାନନ୍ଦ ସେବାଗ୍ରାମରେ କମ୍ପାନୀ ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ସିଏସ୍ଆର ଅଧିକାରୀମାନେ ଗତ ୨୬ରୁ ୨୮ ତାରିଖ ଯାଏ ଏହି ଅନୁଷ୍ଠାନଗୁଡ଼ିକ ପରିଦର୍ଶନ କରି ଚାଉଳ, ଡାଲି, ଅଟା, ରନ୍ଧନ ତେଲ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ।

# ପ୍ରଥମ ଦିନରେ ଖାଇଲେ ୮୫%



ଅନୁଗୋଳରେ ଜଣେ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଉଛି।

**ଅନୁଗୋଳ ଅଫିସ/କଣିହାଁ, ୩୧।୧**

ଅନୁଗୋଳ ଜିଲାରେ ରବିବାର ଜାତୀୟ ପଲସ ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ମୋଟ୍ ୧ ଲକ୍ଷ ୨୦ ହଜାର ୨୨୮ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ଦିନରେ ବିଭିନ୍ନ ବୁଥ୍‌ରେ ୮୫% ପିଲା ବୁନ୍ଦା ଖାଇଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିନରେ ବୁଥ୍‌ଗୁଡ଼ିକୁ ଆସିଥିବା ମୋଟ୍ ୧ ଲକ୍ଷ ୨ ହଜାର ୬୮୩ ପିଲାଙ୍କ ମଧ୍ୟରୁ ଆଠମଲ୍ଲିକ ବ୍ଲକରେ ସର୍ବାଧିକ ୯୩% ପିଲା ରହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତଥା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତାମାନେ ଏହାର ତଦାରଖ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାଶ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପ୍ରବନ୍ଧକ ବିଶ୍ୱରଞ୍ଜନ ରଥ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ଅଧିକାରୀମାନେ ବିଭିନ୍ନ ବ୍ଲକ ପରିଦର୍ଶନ କରିବା ସହ ଏହି କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ସେହିପରି କଣିହାଁ ବ୍ଲକରେ ମୋଟ୍ ୧୫ ହଜାର ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ଦିନରେ ୧୩ ହଜାର ୯୦୬ ଶିଶୁ ଉପକୃତ ହୋଇଛନ୍ତି। ଏଥିପାଇଁ ୧୫୨ଟି ବୁଥ୍ କରାଯାଇଥିବା ବେଳେ ୩୩୦ଜଣ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଓ ସମ୍ପ୍ରସାରଣ ଅଧିକାରୀ ଅଭୟ ସାମଲ ତଦାରଖ କରିଥିଲେ।

# ଆଇଓସିଏଲ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଅନୁଗୋଳ ଷ୍ଟାଡିୟମରେ ଆୟୋଜିତ ଶପଥପାଠ କାର୍ଯ୍ୟକ୍ରମ।

**ଅନୁଗୋଳ ଅଫିସ, ୩୧।୧**

ଇନ୍ଧନର ଅନାବଶ୍ୟକ ଉପଯୋଗକୁ ରୋକିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ଇଣ୍ଡିଆନ ଅଏଲ କର୍ପୋରେଶନ୍ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଗୋଳ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଆବଶ୍ୟକ ନ ଥିଲେ ମୋଟରସାଇକେଲ ଓ ଗାଡ଼ି ବ୍ୟବହାର ନ କରିବାକୁ ଶପଥ ନିଆଯାଇଥିଲା। ଆଇଓସିଏଲ୍ ମହାପ୍ରବନ୍ଧକ ବାଣୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଲ୍କୋ ସିଏମ୍ଡି ଶ୍ରୀଧର ପାତ୍ର, ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଅନୁଗୋଳ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ନାଲ୍କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଇନ୍ଧନ ସଂରକ୍ଷଣ ଉପରେ ନାଲ୍କୋ ସିଏମ୍ଡି ପାତ୍ର ଗୁରୁତ୍ୱ ଦେଇଥିବାବେଳେ ପେଟ୍ରୋଲିୟମ୍ ତଥା ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ କ୍ରମେ ଇଥାନଲ ପରି ବିକଳ୍ପ ଇନ୍ଧନ ସୃଷ୍ଟି କରାଯାଇପାରୁଥିବା କହିଥିଲେ। ଦୈନନ୍ଦିନ ଜୀବନରେ ସାଇକେଲ ଚାଳନା ଉପରେ ଅନ୍ୟ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

# ଅପମିଶ୍ରିତ ଅଟା, ହଳଦୀଗୁଣ୍ଡ ମିଲ୍ ସିଲ୍

- ବଣ୍ଡାରପାଳରୁ ଠାବ କଲା ପୋଲିସ, ଜଣେ ଗିରଫ
- ଚୋକଡ଼, ମଇଦା ଓ ତେନ୍ତୁଳି ଗୁଣ୍ଡ ମିଶାଯାଉଥିଲା
- ହଳଦୀଗୁଣ୍ଡରେ କେମିକାଲ, ପାଉଡର ଦିଆଯାଉଥିଲା

**ଅନୁଗୋଳ ଅଫିସ, ୩୧।୧**

ଅନୁଗୋଳ ସହରରେ ଭେଜାଲ ରିଫାଇନ କାରଖାନା ସିଲ୍ ଘଟଣାକୁ ନେଇ ଚର୍ଚ୍ଚା ନ ଥମୁଣୁ ରବିବାର ଅପମିଶ୍ରଣ ହଳଦୀଗୁଣ୍ଡ ଓ ଅଟା ମିଲ୍ ବଣ୍ଡାରପାଳ ପୋଲିସ ଠାବ କରିଛି। ଏ ନେଇ ଥାନାରେ ନଂ. ୪୬/୨୧ରେ ମାମଲା ରୁଜୁ କରି ପୋଲିସ ତଳମୂଳ ଅଞ୍ଚଳର ପ୍ରେମାନନ୍ଦ ସାହୁ(୨୪)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଏଥିସହ ଉକ୍ତ ଦୁଇ ମିଲ୍‌କୁ ସିଲ୍ କରାଯାଇଛି।

ବଣ୍ଡାରପାଳ ଥାନା ତଳମୂଳରେ ଅଟା ଓ ହଳଦୀ ଅପମିଶ୍ରଣ କରାଯାଉଥିବା ଖବରପାଇ ଶନିବାର ପୋଲିସ ସେଠାରେ ଚଢ଼ାଉ କରିଥିଲା। ଉକ୍ତ କାରଖାନା ପଞ୍ଜୀକୃତ ହୋଇ ନ ଥିବାବେଳେ ବିଭିନ୍ନ କମ୍ପାନୀର ନକଲି ଜରି ପ୍ୟାକେଟ୍ ଗଚ୍ଛିତ ରଖାଯାଇଥିଲା। ପୋଲିସ ୬୦ କିଲୋଗ୍ରାମ୍ ଅଟା ସାଙ୍ଗକୁ ୭ କିଲୋଗ୍ରାମ୍ ହଳଦୀଗୁଣ୍ଡ, ରଖାଯାଇଥିବା ଜରି ପ୍ୟାକେଟ୍, ପ୍ୟାକିଂ ମେଶିନ ଆଦି ଜବତ କରିଥିଲା। ସେଠାରେ ପ୍ରସ୍ତୁତ ହେଉଥିବା ଅଟାରେ ଚୋକଡ଼, ତେନ୍ତୁଳି ଗୁଣ୍ଡ, ମଇଦା ଆଦି ମିଶାଯାଉଥିଲା। ଏଥିସହ ହଳଦୀ ଗୁଣ୍ଡରେ ମଧ୍ୟ ବିଭିନ୍ନ କେମିକାଲ, ଭିନ୍ନ ଭିନ୍ନ ପାଉଡ଼ର ମିଶାଯାଇ ବଜାରକୁ ଛଡ଼ାଯାଉଥିଲା। ଥାନାର ଭାରପ୍ରାପ୍ତ ଅଧିକାରୀ ଶୁଭେନ୍ଦୁ ପାତ୍ରଙ୍କୁ ବିଶ୍ୱସ୍ତ ସୂତ୍ରରୁ ଏହି ସୂଚନା ମିଳିବା ପରେ ସେଠାରୁ ସାମ୍ପୁଲ ସଂଗ୍ରହ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଅପମିଶ୍ରଣର ପ୍ରମାଣ ପାଇବା ପରେ ପୋଲିସ ମିଲ୍ ଉପରେ ଚଢ଼ାଉ କରିଥିଲା। ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ, ବଣ୍ଡାରପାଳ ଭାରପ୍ରାପ୍ତ ଅଧିକାରୀ ଶୁଭେନ୍ଦୁ ପାତ୍ର, ଜିଲା ଜନସ୍ୱାସ୍ଥ୍ୟ ବିଭାଗର ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅପମିଶ୍ରଣ ସମ୍ପର୍କରେ ଅଧିକ ତଥ୍ୟ ହାସଲ ନିମନ୍ତେ ସାମ୍ପୁଲ ଭୁବନେଶ୍ୱର ପଠାଯାଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି।



ଅପମିଶ୍ରଣ ସାମଗ୍ରୀ ସହ ଗିରଫ ବ୍ୟକ୍ତି।

